**Series : EFGH/S**

**SET ~ 4**

**Q.P. Code 14/S**

**Roll No.**

Candidates must write the Q.P. Code on the title page of the answer-book.

**ଟିପ୍ପଣୀ / NOTE :**

(I) ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
Please check that this question paper contains **11** printed pages.

(II) ପ୍ରଶ୍ନପତ୍ରର ଡାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
Q.P. Code given on the right hand side of the question paper should be written on the title page of the answer-book by the candidate.

(III) ପ୍ରଶ୍ନପତ୍ରଟି **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
Please check that this question paper contains **14** questions.

(IV) ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।
**Please write down the Serial Number of the question in the answer-book at the given place before attempting it.**

(V) ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the candidates will read the question paper only and will not write any answer on the answer-book during this period.

#

# ଓଡ଼ିଆ

# ODIA

*ସମୟ : **3** ଘଣ୍ଟା*

*Time allowed : **3** hours*

*ପୂର୍ଣ୍ଣ ସଂଖ୍ୟା : **80***

*Maximum Marks : **80***

**General Instructions :**

- *This question paper is divided into **4** sections.*
- *It has total **14** questions.*
- ***Section A : 1** Question no. **1***
- ***Section B : 2** Questions no. **2** and **3***
- ***Section C : 4** Questions no. **4** to **7***
- ***Section D : 7** Questions no. **8** to **14***

*Attempt questions as per specific instructions.*
*Write question no. in answer book before attempting it.*

**ସାଧାରଣ ନିର୍ଦ୍ଦେଶାବଳୀ :**

- *ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।*
- *ଏହି ପ୍ରଶ୍ନପତ୍ରରେ ସମୁଦାୟ 14ଟି ପ୍ରଶ୍ନ ରହିଛି ।*
- ***ସେକ୍ସନ ଏ (Section A) : 1 ପ୍ରଶ୍ନ ସଂଖ୍ୟା 1 ରହିଛି***
- ***ସେକ୍ସନ ବି (Section B) : 2 ପ୍ରଶ୍ନ ସଂଖ୍ୟା 2 ରୁ 3 ରହିଛି***
- ***ସେକ୍ସନ ସି (Section C) : 4 ପ୍ରଶ୍ନ ସଂଖ୍ୟା 4 ରୁ 7 ରହିଛି***
- ***ସେକ୍ସନ ଡି (Section D) : 7 ପ୍ରଶ୍ନ ସଂଖ୍ୟା 8 ରୁ 14 ରହିଛି***

*ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।*
*ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।*

## SECTION A
## ସେକ୍ସନ ଏ

**1.** ନିମ୍ନ ଅନୁଚ୍ଛେଦକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ପ୍ରତ୍ୟେକ ଜାତିର ଗୌରବମୟ ଇତିହାସ ରହିଛି । ସେହି ଇତିହାସ ଅଧ୍ୟୟନ କରି ପରବର୍ତ୍ତୀ ପିଢ଼ି ଅନୁପ୍ରାଣିତ ହୁଅନ୍ତି । ବର୍ତ୍ତମାନ ଓ ଭବିଷ୍ୟତକୁ ଗଢ଼ି ତୋଳିବା କ୍ଷେତ୍ରରେ ଇତିହାସ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହାର ଲିଖନ ନିମନ୍ତେ ଅନେକ ସୂତ୍ରରୁ ତଥ୍ୟ ସଂଗ୍ରହ କରାଯାଏ । ସେ ସମସ୍ତ ତଥ୍ୟାବଳୀର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇ ଇତିହାସ ଲେଖାଯାଏ । ଏଥିରେ ଘଟଣାବଳୀର କ୍ରମିକତା ଓ ପାରସ୍ପରିକ ସଂଯୋଗରକ୍ଷା ଉପରେ ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଏ । ପ୍ରାଚୀନ କୀର୍ତ୍ତିରାଜି, ଖୋଦିତ ଲେଖ, ମୁଦ୍ରା ଆଦି ଗବେଷଣା କରାଯାଇ ସେଥିରୁ ଅନେକ ତଥ୍ୟ ସଂଗ୍ରହ କରାଯାଏ । ଆହୁରି ମଧ୍ୟ ଉକ୍ତ ସମୟର ସାହିତ୍ୟ, ଲୋକକଥା, ବୈଦେଶିକ ବିବରଣୀମାନ ଯଥେଷ୍ଟ

ଖୋରାକ ଯୋଗାଇଥା'ନ୍ତି । ଏହା କେବଳ ରାଜାମହାରାଜାଙ୍କ ଯୁଦ୍ଧ ଅଭିଯାନ ଅଥବା ଶାସନପଦ୍ଧତି ସଂପର୍କରେ ଆଲୋକପାତ କରେ ନାହିଁ । ଅଧିକନ୍ତୁ, ସାଧାରଣଲୋକଙ୍କ ଜୀବନଶୈଳୀ, ସଭ୍ୟତାର କ୍ରମବିକାଶ, ଅନ୍ୟାନ୍ୟ ସଭ୍ୟତା ସହ ସଂଯୋଗର ସୂତ୍ର ଉନ୍ମୋଚନ କରିଥାଏ । ଲିଖନରେ କିଛି ତ୍ରୁଟିବିଚ୍ୟୁତି ରହିଥିଲେ ପରବର୍ତ୍ତୀ ସମୟରେ ଗଭୀର ଅଧ୍ୟୟନ ଓ ପ୍ରମାଣସଂଗ୍ରହ ଜରିଆରେ ଏହାର ସଂଶୋଧନ କରାଯାଏ । ଏକାଧିକ କାରଣରୁ ଇତିହାସ ଅଧ୍ୟୟନ ଉପରେ ଗୁରୁତ୍ୱ ଦିଆଯାଇଛି । ମାନବସଭ୍ୟତାର କ୍ରମବିକାଶ ସହିତ ଏହା ଜଡ଼ିତ ହୋଇ ରହିଥିବାରୁ ସମସ୍ତଙ୍କ ପାଖରେ ଆଦୃତି ଲାଭ କରିପାରିଛି । ଜାତିର ନିର୍ଝର ରୂପରେ ଇତିହାସ ସର୍ବଦା ବହିଗ୍ଲିଛି ।

(i) କେଉଁ କ୍ଷେତ୍ରରେ ଇତିହାସ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ?

(ii) ଇତିହାସ ଲିଖନରେ କିଛି ତ୍ରୁଟି ବିଚ୍ୟୁତି ରହିଥିଲେ କ'ଣ କରାଯାଏ ?

(iii) କେଉଁ କେଉଁ ସୂତ୍ରରୁ ତଥ୍ୟ ସଂଗ୍ରହ କରାଯାଏ ?

(iv) ଇତିହାସ ସମସ୍ତଙ୍କ ପାଖରେ ଆଦୃତି ଲାଭ କରିପାରିଛି କାହିଁକି ?

(v) କାହାକୁ ଅଧ୍ୟୟନ କରି ପରବର୍ତ୍ତୀ ପିଢ଼ି ଅନୁପ୍ରାଣିତ ହୁଅନ୍ତି ?

## SECTION B

## ସେକ୍ସନ ବି

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *1×6=6*

(i) ଗଣତନ୍ତ୍ର ଓ ଗଣମାଧ୍ୟମ

(ii) ପର୍ଯ୍ୟଟନଶିଳ୍ପର ବିକାଶ

(iii) ପରିବେଶ ସୁରକ୍ଷାରେ ବିଜ୍ଞାନର ଭୂମିକା

**3.** (a) 'ନିଜ ପାଇଁ ଓ ସମାଜ ପାଇଁ ଯୋଗଶିକ୍ଷା' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ । *6*

**କିମ୍ବା (OR)**

(b) 'ସରଳ ଜୀବନ ମହତ ଚିନ୍ତନ' ଶୀର୍ଷକ ତୁମ ଲିଖିତ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ ।
(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION C

## ସେକ୍ସନ ସି

**4.** ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ***ଗୋଟିଏ*** ଛନ୍ଦକୁ ବୁଝାଇ ଲେଖ । *1×4=4*

(i) ନଟବାଣୀ

(ii) ବଙ୍ଗଳାଶ୍ରୀ

**5.** ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କରି ଲେଖ । (ଯେକୌଣସି *2* ଟିର) *2×1=2*

(i) ଝଡ଼ କମିଗଲା ଓ ପିଲାମାନେ ନିଜନିଜ ଘରକୁ ଫେରିଆସିଲେ ।
(ସରଳବାକ୍ୟ କର)

(ii) ଘରେ ଅଶାନ୍ତି ଉପୁଜିଥିବାରୁ ମୁଁ ସଭାକୁ ଯାଇପାରିବି ନାହିଁ ।
(ଯୌଗିକବାକ୍ୟ କର)

(iii) ଶିକ୍ଷକ ପ୍ରମୋଦକୁ ଅନେକ ପଚାରିଲେ ମଧ୍ୟ ସେ ଚୁପ୍ ରହିଲା ।
(ଜଟିଳବାକ୍ୟ କର)

**6.** ନିମ୍ନଲିଖିତ ରୂଢ଼ିଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର । (ଯେକୌଣସି *2* ଟିର) *2×1=2*

(i) ନାକେଦମ୍ କରିବା

(ii) ଆପଣା ସୁନା ଭେଣ୍ଡି

(iii) ସାପ ପରି ଫଁ ଫଁ ହେବା

**7.** ଶୁଦ୍ଧପ୍ରୟୋଗ ଆଧାରରେ ଠିକ୍ କରି ଲେଖ । (ଯେକୌଣସି *2* ଟିର) *2×1=2*

(i) ଶ୍ରେଷ୍ଠତମ

(ii) ଗ୍ରାହାକ

(iii) ନିରପରାଧୀ

## SECTION D

## ସେକ୍ସନ ଡି

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି *1* ଟିର) *1×5=5*

(i) ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।

(ii) କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜୀରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ ।

**9.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *3×2=6*

(i) ଶିକ୍ଷିତଲୋକେ ପଲ୍ଲୀର କର୍ମଯୋଜନାରେ ଅଂଶଗ୍ରହଣ ନକରିପାରିବାର କାରଣ କ'ଣ ?

(ii) ଗୃହସ୍ଥର ପଥ କେତେବେଳେ ସଂପୂର୍ଣ୍ଣ ପୃଥକ୍ ହୋଇଯାଏ ?

(iii) ସମୂହଜନତା ଅଳ୍ପସମୟ ମଧ୍ୟରେ କିପରି ଶିକ୍ଷିତ ହୋଇପାରିବେ ?

(iv) ବିବେକାନନ୍ଦଙ୍କର ଅସଲଶକ୍ତି କ'ଣ ?

(v) ଜନତା ଜନାର୍ଦ୍ଦନ କାହିଁକି ଅବହେଳିତ ଅବସ୍ଥାରେ ଥିଲେ ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) କେଉଁ ପର୍ବରେ ଦୋଳିଖେଳର ପ୍ରାଧାନ୍ୟ ଥାଏ ?

(A) ହୋଲି

(B) ରଜ

(C) ରଥଯାତ୍ରା

(D) ଦଶହରା

(ii) ଆଭିଜାତ୍ୟର ଚିହ୍ନ ବୋଲି କାହାକୁ କୁହାଯାଇଛି ?

(A) ପ୍ୟାଣ୍ଟ୍‌ସାର୍ଟ

(B) ଶାରୀରିକ ଶ୍ରମ

(C) ନେକ୍‌ଟାଇ

(D) ଶିକ୍ଷାଗତ ଯୋଗ୍ୟତା

(iii) ମାନବର ସର୍ବାଙ୍ଗୀନ ଉନ୍ନତି ଓ ଜ୍ଞାନସାଧନକୁ ଆମେ କ'ଣ ଆଖ୍ୟା ଦେଇଥାଉ ?

(A) ବିଜ୍ଞାନ

(B) ଦର୍ଶନ

(C) ଗଣିତ

(D) ସଭ୍ୟତା

(iv) ଭାରତର ବୈଶିଷ୍ଟ୍ୟ କ'ଣ ?

(A) ଭୋଗବିଳାସ

(B) ଆଧ୍ୟାତ୍ମିକତା

(C) ଇତିହାସ ଅଧ୍ୟୟନ

(D) ବିଶ୍ୱଭ୍ରମଣ

(v) ଅନ୍ନଦାଶଙ୍କର ରାୟ କେଉଁ ଭାଷାରେ ପ୍ରଥମେ ଲେଖାଲେଖି କରୁଥିଲେ ?

(A) ବଙ୍ଗଳା

(B) ଇଂରାଜୀ

(C) ଓଡ଼ିଆ

(D) ସଂସ୍କୃତ

(vi) କଣ୍ଡ୍ୟୁଟ୍ ଷ୍ଟ୍ରୀଟ୍ (Conduit Street) କେଉଁଠି ଅବସ୍ଥିତ ?

(A) ଲଣ୍ଡନ

(B) ସ୍କଟ୍‌ଲାଣ୍ଡ୍

(C) ଇଜ୍‌ରାଇଲ୍

(D) ପୋଲାଣ୍ଡ୍

(vii) ରାଜପୁତନାର ବାଇଜୀ ବିବେକାନନ୍ଦଙ୍କୁ କେଉଁ ଶିକ୍ଷା ଦେଇଥିଲେ ?

(A) ସଂଗୀତଶାସ୍ତ୍ର

(B) ନୃତ୍ୟକଳା

(C) ସମଦର୍ଶିତା

(D) ସେବାପରାୟଣତା

(viii) ଶରତଚ୍ନ୍ଦ୍ର ଗୁପ୍ତ କିଏ ?

(A) ରାମକୃଷ୍ଣଙ୍କ ଭକ୍ତ

(B) ମଠ ପରିଚ୍ଳକ

(C) ଜନୈକ ସଂସ୍କୃତ ପଣ୍ଡିତ

(D) ବିବେକାନନ୍ଦଙ୍କ ପ୍ରଥମ ଶିଷ୍ୟ

(ix) ଜୀବନ୍ତର ଶରୀର କେଉଁ ଉପାଦାନରେ ଗଠିତ ?

(A) ବିଜ୍ଞାନ

(B) ଆଧ୍ୟାତ୍ମିକତା

(C) ଜୀବନ୍ତ

(D) ଜଡ଼

(x) ଅନୁସରଣ କରିବାରେ କାହାକୁ ଆଦର୍ଶ ବୋଲି ପ୍ରବନ୍ଧରେ କୁହାଯାଇଛି ?

(A) କୁକୁର

(B) ଶିଷ୍ୟ

(C) ଦେଶବାସୀ

(D) ଶିକ୍ଷିତବ୍ୟକ୍ତି

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ***1*** ଟିର) *1×5=5*

(i) ସୁନ୍ଦର ଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା ।

(ii) ଜନମକାଳୁ ଯେ ଦେହେ ତୋ' ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ***3*** ଟିର) *3×2=6*

(i) ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ତ୍ତିଥିଲେ ?

(ii) ରାବଣର ବାର୍ତ୍ତା ଶୁଣି ଅଙ୍ଗଦ କି ପ୍ରତିକ୍ରିୟା ପ୍ରକାଶ କଲେ ?

(iii) 'ଗଲାଣିତ ଗଲା କଥାରେ ସଙ୍ଗାତ'ର ଅର୍ଥ କ'ଣ ?

(iv) ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?

(v) ବନ୍ଧନହରା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?

**13.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) 'ଭୂଧର' କହିଲେ କ'ଣ ବୁଝାଯାଏ ?

(A) ଆକାଶ

(B) ପର୍ବତ

(C) ନଦୀ

(D) ପୃଥିବୀ

(ii) 'ଭୀମଙ୍କ ସିଂଘନାଦ ରଡ଼ି' ବିଷୟଟି ସାରଳା ମହାଭାରତର କେଉଁ ପର୍ବରୁ ଆସିଅଛି ?

(A) ସ୍ୱର୍ଗାରୋହଣ

(B) କାଇଁଶିକା

(C) ଗଦା

(D) ଆଦ୍ୟ

(iii) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ଶ୍ରୀରାମ କେଉଁ ଶେଯରେ ଶୟନ କରିଥିଲେ ?

(A) କୁଶ

(B) ବାଲି

(C) ଇକ୍ଷୁ

(D) ପୁଷ୍ପ

(iv) ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?

(A) ଗମ୍ଭୀର

(B) ନିଶ୍ଚଳ

(C) କୋଳାହଳପୂର୍ଣ୍ଣ

(D) ଚଳଚଞ୍ଚଳ

(v) ଉଷାଙ୍କ ଆଗମନରେ କିଏ ସ୍ତବପାଠ କରୁଥିଲେ ?

(A) ସୁରଭି

(B) ଭ୍ରମର

(C) କୁମ୍ଭାଟୁଆ

(D) ସମୀର

(vi) କ'ଣ ଉଚ୍ଚ କରି ଧରିବା ପାଇଁ କବି ଆହ୍ୱାନ ଦେଇଛନ୍ତି ?

(A) ପ୍ରଦୀପ

(B) ଆଶା

(C) ମଶାଲ

(D) ମମତା

(vii) ମନସୁଖଲାଗି ନଈସମୁଦ୍ରରେ କ'ଣ ଭରିରହିଛି ?

(A) ସୌନ୍ଦର୍ଯ୍ୟ

(B) ହସକଥା

(C) ଜୀବନଦର୍ଶନ

(D) ସହନଶୀଳତା

(viii) ଭୀମର କେତେଗୋଟି ରଡ଼ି ସହିବେ ବୋଲି ଦୁର୍ଯ୍ୟୋଧନ ପ୍ରତିଜ୍ଞା କରିଥିଲେ ?

(A) ତିନି

(B) ପାଞ୍ଚ

(C) ସାତ

(D) ଦୁଇ

(ix) ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ – କାହା ଉଦ୍ଦେଶ୍ୟରେ ଏହା କବି କହିଛନ୍ତି ?

(A) ମୀନଜୀବୀ

(B) ସଂଗୀତକାର

(C) ସ୍ୱଭାବକବି ଗଙ୍ଗାଧର ମେହେର

(D) କବିସୂର୍ଯ୍ୟ ବଳଦେବ ରଥ

(x) କାହାର ଶଙ୍ଖଧ୍ୱନିରେ ଦୁଃଖଜ୍ୱାଳା ପ୍ରଶମିତ ହେବ ବୋଲି କବି କହିଛନ୍ତି ?

(A) ତରୁଣକୁଳ

(B) ମହାମାନବ

(C) ସଂଗ୍ରାମୀ

(D) ଭବିଷ୍ୟତ

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ***6*** ଟିର) *6×1=6*

(i) କୁରାଢ଼ିଟି କେତେ କିଲ ଲୁହାରେ ତିଆରି ହୋଇଥିଲା ?

(ii) ''ମୁଁ ତ ଦୁନିଆରେ ସବୁଠାରୁ ଶୀଘ୍ର ଗ୍ୱଲେ ।'' – ଏହା କାହାର ଉକ୍ତି ?

(iii) ରକ୍ତର ନଦୀ କିଏ ପାଲଟିଲା ?

(iv) ବରଗଛ କୋରଡ଼ରେ କେଉଁ ଗଛ ଉଠିଥିଲା ?

(v) ବଡ଼ପୁଅ ବି.ଏ. ପଢୁ ପଢୁ କ'ଣ ହୋଇଗଲା ?

(vi) ପ୍ରୀତି କାନିରେ କି ଜଳଖିଆ ଧରି ଆସିଥିଲେ ?

(vii) ଛାୟା ମହାଦେବୀ କିଏ ?

(viii) ଧରମା ଶେଷରେ କେଉଁଠି ଝାସ ଦେଇଥିଲା ?